# NATIONAL NEWS BULLETIN (ODIA)

## 29 October - 2025

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ରାଫେଲ୍ ଯୁଦ୍ଧ ଜେଟ୍‌ରେ ପ୍ରାୟ ୨୫ ମିନିଟ୍ ଧରି ଆଜି ଉଡ଼ାଣ କଲେ ରାଷ୍ଟ୍ରପତି ।
- ଗତ ଏକ ଦଶନ୍ଧିରେ ସାମୁଦ୍ରିକ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରୀକରଣ ସହିତ ବନ୍ଦର ଭିତ୍ତିଭୂମି ଓ ବାଣିଜ୍ୟ କାରବାରକୁ ପ୍ରୋତ୍ସାହିତ କରିଛନ୍ତି ସରକାର, କହିଲେ ପ୍ରଧାନମନ୍ତ୍ରୀ ।
- କୋଇଲା ଖଣି ନିଲାମର ଚତୁର୍ଦ୍ଦଶ ପର୍ଯ୍ୟାୟର ଆଜି ହେଲା ଶୁଭାରମ୍ଭ ।
- ଆଦର୍ଶ ଯୁବ ଗ୍ରାମସଭା ପଦକ୍ଷେପର ଆସନ୍ତାକାଲି ଶୁଭାରମ୍ଭ ହେବ ନୂଆଦିଲ୍ଲୀରେ ।

ଏବଂ

- ହାଇଲୋ ଓପନ୍ ୨୦୨୫ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ, କିରନ୍ ଜର୍ଜ୍ ଓ ଉନ୍ନତି ହୁଡା ପ୍ରବେଶ କଲେ ଦ୍ୱିତୀୟ ପର୍ଯ୍ୟାୟରେ ।

# ପ୍ରେସିଡେଣ୍ଟ-ରାଫେଲ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହରିଆଣାର ଅମ୍ବାଲାସ୍ଥିତ ବାୟୁସେନା ଷ୍ଟେସନ୍‌ରୁ ରାଫେଲ୍ ଯୁଦ୍ଧ ଜେଟ୍‌ରେ ପ୍ରାୟ ୨୫ ମିନିଟ୍ ଧରି ଆକାଶମାର୍ଗରେ ଯାତ୍ରା କରିଛନ୍ତି । ଭାରତୀୟ ସେନା ବାହିନୀର ସୁପ୍ରିମ୍ କମାଣ୍ଡର ଭାବେ ରାଷ୍ଟ୍ରପତି ଆଜି ଏହି ଯାତ୍ରା କରିଥିଲେ । ରାଷ୍ଟ୍ରପତି ଆଜି ସକାଳେ ଅମ୍ବାଲାର ଏହି ବାୟୁସେନା ଷ୍ଟେସନ୍‌ରେ ପହଞ୍ଚିବା ପରେ ତାଙ୍କୁ ଆନୁଷ୍ଠାନିକ ଭାବେ ଗାର୍ଡ଼ଅଫ୍ ଅନର ପ୍ରଦାନ କରାଯାଇଥିଲା । ପୂର୍ବରୁ ହରିଆଣାର କ୍ୟାବିନେଟ୍ ମନ୍ତ୍ରୀ ଅନୀଲ ବିଜ୍, ବାୟୁସେନା ମୁଖ୍ୟ ଅମରପ୍ରୀତ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ରାଷ୍ଟ୍ରପତି ମୁର୍ମୁଙ୍କୁ ସ୍ୱାଗତ କରିଥିଲେ । ପୂର୍ବରୁ ରାଷ୍ଟ୍ରପତି ମୁର୍ମୁ ଆସାମର ତେଜପୁର ସ୍ଥିତ ବାୟୁସେନା କେନ୍ଦ୍ରରୁ ସୁଖୋଇ-୩୦ ଏମ୍.କେ.ଆଇ. ଯୁଦ୍ଧ ବିମାନରେ ମଧ୍ୟ ଯାତ୍ରା କରିସାରିଛନ୍ତି ।


# ପ୍ରେସିଡେଣ୍ଟ-ରାଫେଲ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହରିଆଣାର ଅମ୍ବାଲାସ୍ଥିତ ବାୟୁସେନା ଷ୍ଟେସନ୍‌ରୁ ରାଫେଲ୍ ଯୁଦ୍ଧ ଜେଟ୍‌ରେ ପ୍ରାୟ ୨୫ ମିନିଟ୍ ଧରି ଆକାଶମାର୍ଗରେ ଯାତ୍ରା କରିଛନ୍ତି । ଭାରତୀୟ ସେନା ବାହିନୀର ସୁପ୍ରିମ୍ କମାଣ୍ଡର ଭାବେ ରାଷ୍ଟ୍ରପତି ଆଜି ଏହି ଯାତ୍ରା କରିଥିଲେ । ରାଷ୍ଟ୍ରପତି ଆଜି

ସକାଳେ ଅମ୍ବାଲାର ଏହି ବାୟୁସେନା ଷ୍ଟେସନ୍‌ରେ ପହଞ୍ଚିବା ପରେ ତାଙ୍କୁ ଆନୁଷ୍ଠାନିକ ଭାବେ ଗାର୍ଡ଼ଅଫ୍ ଅନର ପ୍ରଦାନ କରାଯାଇଥିଲା । ପୂର୍ବରୁ ହରିଆଣାର କ୍ୟାବିନେଟ୍ ମନ୍ତ୍ରୀ ଅନୀଲ ବିଜ୍, ବାୟୁସେନା ମୁଖ୍ୟ ଅମରପ୍ରୀତ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ରାଷ୍ଟ୍ରପତି ମୁର୍ମୁଙ୍କୁ ସ୍ୱାଗତ କରିଥିଲେ । ପୂର୍ବରୁ ରାଷ୍ଟ୍ରପତି ମୁର୍ମୁ ଆସାମର ତେଜପୁର ସ୍ଥିତ ବାୟୁସେନା କେନ୍ଦ୍ରରୁ ସୁଖୋଇ-୩୦ ଏମ୍.କେ.ଆଇ. ଯୁଦ୍ଧ ବିମାନରେ ମଧ୍ୟ ଯାତ୍ରା କରିସାରିଛନ୍ତି ।

# ପିଏମ୍-ମାରିଟାଇନ୍

ଭାରତର ଅଭିବୃଦ୍ଧି ହାସଲ ଦିଗରେ ସାମୁଦ୍ରିକ୍ କ୍ଷେତ୍ରର ଏକ ଉଲ୍ଲେଖନୀୟ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ମୁମ୍ବାଇର ନେସ୍କୋ ପ୍ରଦର୍ଶନୀ କେନ୍ଦ୍ର ଠାରେ ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଏହି ସମ୍ମିଳନୀରେ ଯୋଗଦେଇଥିବା ସାମୁଦ୍ରିକ କ୍ଷେତ୍ରର ପ୍ରମୁଖ ନେତୃବର୍ଗଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ମୋଦୀ କହିଛନ୍ତି,

**V/O-1-PM-MUMBAI--INDIA-MARITIME**

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ସରକାର ସାମୁଦ୍ରିକ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରୀକରଣ କରିବା

ସହିତ ବନ୍ଦର ଭିତ୍ତିଭୂମି ଏବଂ ବାଣିଜ୍ୟ କାରବାରକୁ ମଧ୍ୟ ପ୍ରୋତ୍ସାହିତ କରିଛନ୍ତି । ଦେଶର ସାମୁଦ୍ରିକ କ୍ଷେତ୍ର ଦ୍ରୁତ ଗତିରେ ସଶକ୍ତ ହେବାରେ ଲାଗିଛି ବୋଲି ସେ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ବର୍ତ୍ତମାନ ବିକାଶଶୀଳ ବିଶ୍ୱରେ ଭାରତର ବନ୍ଦରଗୁଡ଼ିକ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ଗଣନା କରାଯାଉଛି । କେତେକ ପ୍ରସଙ୍ଗରେ ଏପରିକି ଏହି ଭାରତୀୟ ବନ୍ଦରଗୁଡ଼ିକ ବିକଶିତ ବିଶ୍ୱଠାରୁ ମଧ୍ୟ ଉତ୍ତମ ରୂପେ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି । ଦେଶର ବିଭିନ୍ନ ବନ୍ଦରଗୁଡ଼ିକ ମାଧ୍ୟମରେ ୨୦୨୪-୨୫ ବର୍ଷରେ ରେକର୍ଡ଼ ପରିମାଣର ମାଲ ପରିବହନ ହୋଇଥିବା ପ୍ରସଙ୍ଗରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି :

**V/O-2-PM-MARITIME-GREEN-ENERGY**

ବୈଶ୍ୱିକ ଉତ୍ତେଜନା, ବାଣିଜ୍ୟ କାରବାରରେ ବ୍ୟାଘାତ ତଥା ବାଧାପ୍ରାପ୍ତ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ମଧ୍ୟରେ ଭାରତ ସମାବେଶୀ ଅଭିବୃଦ୍ଧି ଏବଂ ରଣନୈତିକ ସ୍ୱାୟତ୍ତତା ଓ ଶାନ୍ତିର ପ୍ରତୀକ ଭାବେ ଉଭା ହୋଇଛି । ଭାରତର ଜାହାଜ ନିର୍ମାଣ କ୍ଷେତ୍ରକୁ ଅଧିକ ସଂପ୍ରସାରିତ କରିବା ଦିଗରେ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି କ୍ଷେତ୍ରରେ ଭାରତ ବର୍ତ୍ତମାନ ଏକ ନୂତନ ଶିଖର ସ୍ପର୍ଶ କରିସାରିଛି । ବୃହତ ଜାହାଜ ନିର୍ମାଣ କ୍ଷେତ୍ରରେ ଦେଶରେ ଏକ ସଶକ୍ତ ଭିତ୍ତିଭୂମି ଉପଲବ୍ଧ ହେଉଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି,

ସରକାର ଏହି କ୍ଷେତ୍ରରେ ଥିବା ବହୁ ପୁରାତନ ଉପନିବେଶବାଦ ଆଇନ୍‌ଗୁଡ଼ିକୁ ଉଚ୍ଛେଦ କରି ଏକବିଂଶ ଶତାବ୍ଦୀ ଲାଗି ଉଦ୍ଦିଷ୍ଟ ଆଧୁନିକ ତଥା ଭବିଷ୍ୟ ଉପଯୋଗୀ ନିୟମ କାର୍ଯ୍ୟକାରୀ କରିଛନ୍ତି ।

**V/O-3-PM--SHIPING-LAW**

## ରେଡ୍ଡୀ-କୋଲ ଅକ୍‌ସନ୍

କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଆଜି ନୂଆଦିଲ୍ଲୀରେ କୋଇଲା ଖଣି ନିଲାମର ଚତୁର୍ଦ୍ଦଶ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ରେଡ୍ଡୀ କହିଛନ୍ତି, କୋଇଲା କ୍ଷେତ୍ରରେ ବିବିଧ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା, ଅଧିକରୁ ଅଧିକ ଅଗ୍ରଣୀ ଶିଳ୍ପାନୁଷ୍ଠାନର ଅଂଶଗ୍ରହଣ ଏବଂ ବ୍ୟବସାୟ କାରବାରକୁ ସୁଗମ କରିବା ହେଉଛି ଏହି ନିଲାମର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ନିଲାମ ବ୍ୟବସ୍ଥାରେ ପ୍ରଥମଥର ଲାଗି କୋଇଲା ଓ ଖଣି ମନ୍ତ୍ରଣାଳୟ ପକ୍ଷରୁ ଭୂମିତଳ କୋଇଲା ବାଷ୍ପିକରଣ ପ୍ରକ୍ରିୟାକୁ ଅନ୍ତର୍ଭୁକ୍ତ କରାଯାଇଛି । ଦେଶରେ ଗଭୀର କୋଇଲା ଭଣ୍ଡାର ସମ୍ପତ୍ତିଗୁଡ଼ିକୁ ଉପଯୋଗ କରିବା ଦିଗରେ ଏହି ବ୍ୟବସ୍ଥା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କୋଇଲା ଶକ୍ତି ଡ୍ୟାସ୍‌ବୋର୍ଡ୍‌ର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଖଣି

ଠାରୁ ବଜାର ପର୍ଯ୍ୟନ୍ତ କୋଇଲା ଯୋଗାଣ ଶୃଙ୍ଖଳ ପ୍ରକ୍ରିୟାକୁ ନିରିକ୍ଷଣ କରିବାରେ ଏହାଦ୍ୱାରା ସୁଗମ ହୋଇପାରେ ।

## ଏମ୍‌ଓ୍ୱାଇଜିଏସ୍ ଲଞ୍ଚ୍

କେନ୍ଦ୍ର ସରକାର ଆସନ୍ତାକାଲି ନୂଆଦିଲ୍ଲୀଠାରେ ଆଦର୍ଶ ଯୁବ ଗ୍ରାମସଭା ପଦକ୍ଷେପର ଶୁଭାରମ୍ଭ କରିବେ । ପଞ୍ଚାୟତରାଜ, ଶିକ୍ଷା ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ମିଳିତ ପ୍ରୟାସର ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାଶ ଓ୍ୱିକେ ଏବଂ ପଞ୍ଚାୟତରାଜ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂହ ବାଘେଲ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଆଦର୍ଶ ଯୁବ ଗ୍ରାମସଭା ସମ୍ପର୍କିତ ଏକ ତାଲିମ୍ ମଡ୍ୟୁଲ୍ ଏବଂ ପୋର୍ଟାଲ୍‌ର ମଧ୍ୟ ଶୁଭାରମ୍ଭ କରାଯିବ । ଏ ସମ୍ପର୍କରେ ପଞ୍ଚାୟତରାଜ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଜନଭାଗିଦାରୀକୁ ଅଧିକ ସଶକ୍ତ କରିବା ସହିତ ଗ୍ରାମସଭା ଅଧିବେଶନଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କ ଅଂଶଗ୍ରହଣ ଉପରେ ପ୍ରାଧାନ୍ୟ ଦିଆଯାଇ ସ୍ଥାନୀୟ ଶାସନ ବ୍ୟବସ୍ଥାରେ ଯୁବବର୍ଗର ସମ୍ପୃକ୍ତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ପଦକ୍ଷେପ ଦେଶର ୧ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଲାଗି କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## ଜୟଶଙ୍କର

ଆନ୍ତର୍ଜାତିକ ବ୍ୟାପାର ସମ୍ପର୍କିତ ୟୁରୋପୀୟ ସଂସଦୀୟ କମିଟିର ଏକ ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀଠାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ସହଯୋଗକୁ କିଭଳି ଅଧିକ ସଶକ୍ତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି । ଏହାଦ୍ୱାରା ବିଶ୍ୱ ଅର୍ଥନୀତି ଏବଂ ଗଣତାନ୍ତ୍ରିକ ଶକ୍ତିକୁ ଅଧିକ ସୁଦୃଢ଼ କରାଯାଇ ପାରିବ । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ସଫଳତାର ସହ କାର୍ଯ୍ୟକାରୀ କରାଯାଇ ପାରିଲେ ଏହି ଲକ୍ଷ୍ୟ ହାସଲ ଅଧିକ ସୁଗମ ହୋଇପାରିବ ବୋଲି ଡକ୍ଟର ଜୟଶଙ୍କର ଉଲ୍ଲେଖ କରିଛନ୍ତି ।

## ପୀୟୂଷ ଗୋୟଲ

ନବସୃଜନତା କ୍ଷେତ୍ରରେ ଭାରତ ବିଶ୍ୱରେ ଏକ ଅଗ୍ରଣୀ ଭୂମିକା ନିର୍ବାହ କରୁଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଉଦ୍ୟୋଗୀ ସମାବେଶରେ ଉଦ୍‌ବୋଧନ

ଦେଇ ଶ୍ରୀ ଗୋୟଲ କହିଛନ୍ତି, ଭବିଷ୍ୟତକୁ ଦୃଷ୍ଟିରେ ରଖି ବିକାଶ ଲାଗି ନୂତନ ଚିନ୍ତାଧାରା, ଉତ୍ପାଦ ଏବଂ ଜ୍ଞାନକୌଶଳ କ୍ଷେତ୍ରରେ ଭାରତର ନବସୃଜନତା ବିଶ୍ୱସ୍ତରରେ ଆଦୃତ ହୋଇଛି । ସ୍ୱଦେଶୀ ଚିନ୍ତାଧାରା କେବଳ ନିଜ ଦେଶରୁ ଉତ୍ପାଦନ, ପ୍ରସ୍ତୁତି ତଥା  ସେବା ଯୋଗାଇଦେବା ନୁହେଁ ବରଂ ଏକ ଅନିଶ୍ଚିତ ବୈଶ୍ୱିକ ପରିବେଶ ମଧ୍ୟରେ ଦୀର୍ଘସୂତ୍ରୀ ବିକାଶ, ସାର୍ବଭୌମତ୍ୱ ଓ ସୁରକ୍ଷା ସୁନିଶ୍ଚିତ କରିବାକୁ ବୁଝାଏ ବୋଲି ଶ୍ରୀ ଗୋୟଲ କହିଛନ୍ତି । ଦେଶର ଡିପ୍‌ଟେକ୍ ଇକୋ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ବ୍ୟକ୍ତିଗତ ନିବେଶକ କିମ୍ବା ସଂସ୍ଥା ମାଧ୍ୟମରେ ଅର୍ଥ ବ୍ୟୟ କରିବେ ବୋଲି ସେ ସୁନିଶ୍ଚିତ କରିଛନ୍ତି । ଏହି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବିକାଶ ଦିଗରେ ଦ୍ୱିତୀୟ ପର୍ଯ୍ୟାୟ ଷ୍ଟାର୍ଟଅପ୍ ପାଣ୍ଠିର ଏହି ଅବସରରେ ଶ୍ରୀ ଗୋୟଲ ଘୋଷଣା କରିଛନ୍ତି । ଏତଦ୍‌ବ୍ୟତୀତ ରୂପାନ୍ତରୀକରଣ ପ୍ରକଳ୍ପଗୁଡ଼ିକ ଲାଗି ଗବେଷଣା, ନବସୃଜନତା ଏବଂ ଦୀର୍ଘସୂତ୍ରୀ ଆର୍ଥିକ ସହାୟତା ଦିଗରେ ଏକ ଲକ୍ଷ କୋଟି ଟଙ୍କାର ଅନୁସନ୍ଧାନ ପାଣ୍ଠିର ମଧ୍ୟ ଶ୍ରୀ ଗୋୟଲ ଆଜି ଶୁଭାରମ୍ଭ କରିଛନ୍ତି ।

## ବ୍ୟାଡ୍‌ମିଣ୍ଟନ୍

ଜର୍ମାନୀର ସାରବ୍ରୁକେନ୍‌ଠାରେ ଚାଲିଥିବା ହାଇଲୋ ଓପନ୍ ୨୦୨୫ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ, କିରନ୍ ଜର୍ଜ୍, ଉନ୍ନତି ହୁଦା ନିଜ ନିଜ ସିଙ୍ଗଲ୍ସ ବର୍ଗରେ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ପୁରୁଷ ସିଙ୍ଗଲ୍ସ ବର୍ଗରେ ଲକ୍ଷ୍ୟ ସେନ୍ ପ୍ରାରମ୍ଭିକ ପର୍ଯ୍ୟାୟରେ ଫ୍ରାନ୍ସର ଖ୍ରୀଷ୍ଟୋ ପୋପଭ୍‌ଙ୍କୁ ୨୧-୧୬, ୨୨-୨୦ରେ ପରାସ୍ତ କରିଥିବା ବେଳେ କିରନ୍ ଜର୍ଜ୍ କିଦାମ୍ବୀ ଶ୍ରୀକାନ୍ତଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୧-୧୯, ୨୧-୧୧ରେ ହରାଇ ଦେଇଛନ୍ତି । ମହିଳା ସିଙ୍ଗଲ୍ସ ବର୍ଗରେ ଉନ୍ନତି ହୁଦା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ବ୍ରାଜିଲ୍‌ର ଜୁଲିଆନା ଭିରାଙ୍କୁ ସିଧାସଳଖ ୨୧-୪, ୨୧-୧୩ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।

## ସାଇକ୍ଲୋନ୍-ଓଡ଼ିଶା

ଘୂର୍ଣ୍ଣିଝଡ଼ ମୋନ୍ଥାର ପ୍ରଭାବରେ ଓଡ଼ିଶାର ୩୩ଟି ବ୍ଲକ୍ ଏବଂ ୧୧ଟି ସହରାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି । ଆସନ୍ତାକାଲିଠାରୁ ପ୍ରଭାବିତ ଅଞ୍ଚଳଗୁଡ଼ିକରେ କ୍ଷତିଗ୍ରସ୍ତ ହୋଇଥିବା ଘର, ରାସ୍ତା ଏବଂ ଅନ୍ୟାନ୍ୟ ସାଧାରଣ ଭିତ୍ତିଭୂମିର କ୍ଷୟକ୍ଷତିର ଆକଳନ ଆରମ୍ଭ କରାଯିବ ବୋଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଭୁବନେଶ୍ୱର ଠାରେ ଗଣମାଧ୍ୟମକୁ କହିଛନ୍ତି । ସେ କହିଛନ୍ତି, ସମ୍ପୂର୍ଣ୍ଣ ରିପୋର୍ଟ୍ ଥରେ

ହସ୍ତଗତ ହୋଇଯିବା ପରେ ପ୍ରଭାବିତ ପରିବାରବର୍ଗଙ୍କୁ ସରକାର ସହାୟତାରାଶି ଯୋଗାଇଦେବେ । ପ୍ରଭାବିତ ଅଞ୍ଚଳର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ବାତ୍ୟା ଆଶ୍ରୟ ସ୍ଥଳୀରେ ସରକାର ୧୮ ହଜାର ୭୬୨ ଜଣ ଲୋକଙ୍କୁ ଆଶ୍ରୟ ଦେବା ସହିତ ସେମାନଙ୍କୁ ମାଗଣାରେ ରନ୍ଧା ଖାଦ୍ୟ ଯୋଗାଇ ଦେଇଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି । ସେ କହିଛନ୍ତି, ବାତ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସହାୟତା କରିବା ସହିତ ସେଠାରେ ସ୍ୱାଭାବିକ ଜୀବନଯାତ୍ରା ଫେରାଇ ଆଣିବା ଦିଗରେ ସମସ୍ତ ସମ୍ପୃକ୍ତ ବିଭାଗଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ମୋନ୍ଥାର ପ୍ରଭାବରେ ଗଜପତି ଜିଲ୍ଲାରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିବା ଜଣାଯାଇଛି । ଫଳରେ ଗଞ୍ଜାମ ଓ ଗଜପତି ଜିଲ୍ଲା ମଧ୍ୟରେ ଗମନାଗମନ ବାଧାପ୍ରାପ୍ତ ହୋଇଛି । ଏନ୍.ଡି.ଆର୍.ଏଫ୍.ର ସହାୟତାରେ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଦିଗରେ ପୁନରୁଦ୍ଧାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।